ସେଇଥିପାଇଁ
# ଆରମ୍ଭ
SEITHO ARAMBHA
ରବିବାର, ୧୮ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଆମ ଭାଷା ଓ ସାହିତ୍ୟ

ଏବେର ପୃଥିବୀ ହେଉଛି ଜଗତ କରଣର । ଏହି ଜଗତକରଣ କେବଳ ଉଦାରବାଦୀ ମୁକ୍ତ ଅର୍ଥନୀତି ଉପରେ ପର୍ଯ୍ୟବେଶିତ ବୋଲି ଭାବି ବସିଲେ ଭୁଲ ହେବ । ବରଂ ଭାଷା ସାହିତ୍ୟ,ଜ୍ଞାନ,ପ୍ରଯୁକ୍ତିବିଦ୍ୟା ସଂସ୍କୃତି ପରି ଏକାଧିକ କ୍ଷେତ୍ର ଭୌଗଳିକ ନିର୍ବିଶେଷରେ ସମ୍ମିଳିତ ହେବା ମଧ୍ୟ ଏହାର ଏକ ପ୍ରମୁଖ ଅଂଶ ବିଶେଷ , ଏବଂ ଯାହାର ଆଧାର ହେଉଛି ଉତ୍କର୍ଷତା । ଅର୍ଥାତ ଏହି ଦ୍ରୁତ ପ୍ରଗତିଶୀଳ ବିଶ୍ୱରେ ଯେଉଁ ସବୁ ବିଭବ ଗୁଡିକ ନିଜକୁ ଯୁଗପଯୋଗି ଓ ଉତ୍କୃଷ୍ଟ ବୋଲି ପ୍ରତି ପାଦିତ କରି ପାରିବେ କେବଳ ସେହି ବିଭବ ଗୁଡିକ ହିଁ ତିଷ୍ଠି ରହି ପାରିବେ । ଅନ୍ୟଥା ସମୟର ପ୍ରବାହମାନ ସ୍ରୋତରେ ବିଲୀନ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନ ପାରେ । ଆମେ ଯଦି ଓଡ଼ିଆ ଭାଷା କ୍ଷେତ୍ର ରେ ଏକବିଂଶ ଶତାବ୍ଦୀର ଏହି ଆହ୍ୱାନକୁ ପରଖି ବସିବା ତେବେ ଭଣା ଅଧିକ ଆମକୁ ହତୋତ୍ସାହିତ ହେବାକୁ ପଡ଼ିବ । ଚାରି କୋଟିରୁ ଉର୍ଦ୍ଧ୍ୱ ଓଡ଼ିଆ ଭାଷା ଭାଷୀଙ୍କ ଭାଷା ହୋଇ ମଧ୍ୟ ଯେଉଁ ପ୍ରଶସ୍ତତା ଓ ପ୍ରୟୋଗଶୀଳତାର ଅଧିକାରୀ ହେବା କଥା ଅଦ୍ୟାବଧି ତାହା ସମ୍ଭବ ହୋଇ ପାରି ନାହିଁ । ଏପରି ଦେଖିବାକୁ ଗଲେ ପୃଥିବୀର ବିଭିନ୍ନ ଭାଷା ବ୍ୟବହାରକାରୀ ମାନଙ୍କ ସଂଖ୍ୟା ଦୃଷ୍ଟିରୁ ଓଡ଼ିଆ ଭାଷାର ସ୍ଥାନ ଯଥେଷ୍ଟ ଉଚ୍ଚରେ । ଭାରତ ବର୍ଷର ହିନ୍ଦୀ, ଦକ୍ଷିଣ ଭାରତୀୟ ଭାଷା ସମୂହ ଓ ବଙ୍ଗଳା ଭାଷା ପରେ ଓଡ଼ିଆ ଭାଷାର ସ୍ଥାନ । ପୁଣି ଆମର ଏହି ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଲା ପରେ ନିଜର ପ୍ରାଚୀନତା ଓ ବିପୁଳତାକୁ ସର୍ବ ଭାରତୀୟ ସ୍ତରରେ ପ୍ରମାଣିତ ଏବଂ ପ୍ରତିଷ୍ଠିତ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଃ -ସନ୍ଦେହରେ ଏହାଦ୍ୱାରା ଓଡ଼ିଆ ଭାଷାର ଆତ୍ମ ପ୍ରତିଷ୍ଠା ଓ ଆତ୍ମ ମର୍ଯ୍ୟାଦା ବୃଦ୍ଧି ପାଇଛି । ମାତ୍ର ବିଡ଼ମ୍ବନାର ବିଷୟ ଏହି ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିବାର ଉତ୍କର୍ଷତା ସତ୍ତ୍ୱେ ବାସ୍ତବ କ୍ଷେତ୍ରରେ ଅବହେଳିତ ଓ ଅନାଦୃତ ଓ ଏକ ସମୃଦ୍ଧଶାଳୀ ଐତିହ ସମ୍ପନ୍ନ ଭାଷା ରୂପରେ ଏହା ଯେପରି ପରିପୁଷ୍ଟ ହେବାକଥା , ଯେପରି ଆଧୁନିକ ସମ୍ପନ୍ନ ହୋଇ ବହୁ-ପ୍ରସୁ ହେବାକଥା ସେପରି ଆଶାନୁରୂପକ ହୋଇ ପାରି ନାହିଁ । ଆମେ ଯଦି ବିଶ୍ୱ ସ୍ତରର ଅନ୍ୟାନ୍ୟ ସମୃଦ୍ଧ ଭାଷା ଗୁଡ଼ିକ ସହ ଆମ ଓଡ଼ିଆ ଭାଷାକୁ ତୁଳନା କରିବସିବା ତେବେ ଏହି ନିର୍ଣ୍ଣୟରେ ପହଂଚିବାରେ କୌଣସି ଅସୁବିଧା ହେବନାହିଁ । ଏହା ପ୍ରମାଣିତ ଯେ ଯେଉଁ ଭାଷା ଶିକ୍ଷା , ଶାସନ, ସଂଚାର ଓ ପ୍ରଯୁକ୍ତି ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଚଳନକ୍ଷମ ଓ ବ୍ୟବହାର ଉପଯୋଗୀ ସେହି ଭାଷା ସେତିକି ଜୀବନକ୍ଷମ ଓ ଆଧୁନିକ । ଉପରୋକ୍ତ ପ୍ରୟୋଗଶୀଳତା ଦୃଷ୍ଟିରୁ ଯଦି ଓଡ଼ିଆ ଭାଷାର ପ୍ରାଣ ପ୍ରବାହ ଓ ଅସ୍ତିତ୍ୱକୁ ଆମେ ଖୋଜି ବସିବା ତେବେ ଏସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ନୈରାଶ୍ୟ ଜନକ ସ୍ଥିତିକୁ ହିଁ କେବଳ ଚାକ୍ଷୁପ କରି ପାରିବା । କେବଳ ସରକାରୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷା ଦାନର ଭାଷା ହେବାର ସୌଭାଗ୍ୟ ପ୍ରାପ୍ତି ବ୍ୟତିତ ଆମର ଏହି ଭାଷା କଥିତ ଭାଷାର ବାହକ ହେବାଛଡ଼ା ଅଧିକ ଦୂର ଅଗ୍ରସର ହୋଇ ପାରି ନାହିଁ । ସୌଭାଗ୍ୟକୁ ଏହି ଭାଷା କମ୍ପ୍ୟୁଟରକ୍ଷମ ହୋଇ ପାରିଛି ମାତ୍ର ପ୍ରୋସେସିଂ ଓ ପ୍ରୋଗ୍ରାମିଂ ପରି କ୍ଷେତ୍ରରେ ଏହାର ବ୍ୟବହାର ଖୁବ ସୀମିତ । କେବଳ ଡି .ଟି.ପି. ପରି ବ୍ୟବହୃତ ହେବା ଛଡ଼ା ଅଧିକ ପ୍ରାୟୋଗିକତାର ଅବକାଶ ଅବା ଉପଯୋଗ ଏ ପର୍ଯ୍ୟନ୍ତ ସୁ ବ୍ୟବସ୍ଥିତ ଭାବେ ଆରମ୍ଭ ହୋଇନାହିଁ । ସୁଖର କଥା, ଓଡ଼ିଆ ଭାଷାର ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ବ୍ୟାପକ ପରିପ୍ରସାର ହେତୁ ଏହି ଭାଷା ଜନମାନସର ଭାଷା ହେବାରେ ଏକ ପ୍ରକାର ସଫଳ ହୋଇ ପାରିଛି । ପ୍ରକାରନ୍ତରେ କହିଲେ ଏକବିଂଶ ଶତାବ୍ଦୀର ଦ୍ରୁତ ବିବର୍ତ୍ତିତ ପୃଷ୍ଠପଟରେ ଓଡ଼ିଆ ଗଣମାଧ୍ୟମ ହିଁ ଓଡ଼ିଆ ଭାଷାକୁ ଏକ ପ୍ରକାର ଜନାଦୃତ କରାଇବାରେ ଆଶା ସଂଚାର କରିପାରିଛି । ଅନ୍ୟଥା ଶିକ୍ଷା-ଶାସନ-ସଂଚାର ଓ ପ୍ରଯୁକ୍ତି ପରି କ୍ଷେତ୍ରରେ ଏହି ଭାଷାର ଗୌଣସ୍ଥିତି ଘୋର ନିରାଶା ସୃଷ୍ଟି କରିଥାଏ ।

# ଦୁର୍ଗା ଦେବୀଂ ଶରଣମହଂ......

|| ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ ||

ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି । ଭାରତ ବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା'ଦୁର୍ଗାଙ୍କ ଶକ୍ତି ପୂଜା ତା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରିଥାଏ । ଋଗବେଦରେ ବର୍ଣ୍ଣିତ - 'ତାମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତୀଂ ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାମ୍, ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରସି ତରସେ ନମଃ' । ଅର୍ଥାତ୍ 'ମୁଁ ଅଗ୍ନିବର୍ଣ୍ଣା ତପୋଜ୍ୱଳା ଦୁର୍ଗାଦେବୀଙ୍କର ଶରଣ ପଶୁଛି, ଯେ କି ପରମ ଶକ୍ତିସମ୍ପନ୍ନ, ଯେ ନିଜକୁ ବହୁବିଧ ରୂପରେ ପ୍ରକଟ କରନ୍ତି, ଯେ କି କର୍ମ ଓ ଫଳରେ ନିହିତ ଶକ୍ତି ଅଟନ୍ତି । ହେ ରକ୍ଷାରେ ନିପୁଣା ଦେବୀ, ଆମକୁ ଅଧିକ କୁଶଳତାର ସହ କଷ୍ଟ ମଧ୍ୟରେ ପାର କରାଅ । ଆମେ ତୁମକୁ ପ୍ରଣାମ କରୁଛୁ ।'

ମା'ସୃଷ୍ଟି ସ୍ଥିତି ବିନାଶର ଆଧାର । ଓଁକାର ଶବ୍ଦ ସହ ପୃଥିବୀ ସୃଷ୍ଟି ହେବା ସମୟରୁ ଶକ୍ତି ଉତ୍ପନ୍ନ ହୋଇଅଛି । ଏହି ଶକ୍ତି ସମଗ୍ର ଜଗତରେ ଜୀବ, ମାନବ, ବୃକ୍ଷଲତାରେ ପୂରି ରହିଛି । ନବରାତ୍ରି ଉପାସନା ଆମକୁ ସେହି ଶକ୍ତି ପ୍ରଦାନ କରେ । ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ମହାନବମୀ ପର୍ଯ୍ୟନ୍ତ ନବରାତ୍ରି ପାଳନ କରାଯାଏ । ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରନ୍ତି । ତାହା ହେଲା 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ରଘଂଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍, ପଞ୍ଚମଂ ସ୍କନ୍ଦମାତେ ତି, ଷଷ୍ଠ କାତ୍ୟାୟନୀତି ଚ, ସପ୍ତମଂ କାଳରାତ୍ରିତି ମହାଗୌରୀ ଚାଷ୍ଟକମ୍, ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ, ଅକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା ।' ମହାଶକ୍ତିଙ୍କୁ ନବରାତ୍ରିରେ ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ ରୂପରେ ମଧ୍ୟ ପୂଜା କରନ୍ତି । ମହାକାଳୀ ତମଗୁଣର ପ୍ରତୀକ । ମା'କାଳୀ ଆମର ତମ ଗୁଣ ଯଥା - କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦୂର କରି ଆମକୁ ଦିବ୍ୟଗୁଣ ପ୍ରଦାନ କରିବା ପାଇଁ ଆମେ ତାଙ୍କୁ ଆରାଧନା କରୁ ପ୍ରାର୍ଥନା କରୁ । ମା'ଆମର ଅଜ୍ଞାନ ନାଶ କରି ଦିବ୍ୟଜ୍ଞାନ ପ୍ରଦାନ କରନ୍ତୁ, ମହାଲକ୍ଷ୍ମୀ ରଜଗୁଣର ପ୍ରତୀକ । ଏହା ସାହାସ, ତ୍ୟାଗ, ଶାସନ ଓ କର୍ମ ତତ୍ପରତା ଆଦି ଗୁଣାବଳୀର ପ୍ରତୀକ । ମା'ଲକ୍ଷ୍ମୀଙ୍କୁ କ'ଣ ଦେଇ ପୂଜା କରିବା । ଆମର ଦେହ, ମନ, ବୁଦ୍ଧି ସବୁତ ତାର ସେ ଆମକୁ ଆବଶ୍ୟକ ଖାଦ୍ୟପେୟ ଓ ଯଶ ପ୍ରଦାନ କରନ୍ତୁ । ମହାସରସ୍ୱତୀ ସତ୍ତ୍ୱଗୁଣର ପ୍ରତୀକ । ଏଥିରେ ସହିଷ୍ଣୁତା, ଦୟା, ପ୍ରେମ ଆଦି ଗୁଣ ରହିଛି । ମା'ସରସ୍ୱତୀ ହଂସବାହିନୀ, ହଂସ ଯେପରି କ୍ଷୀର ଓ ପାଣିରୁ କେବଳ କ୍ଷୀର ପିଇଦିଏ ଆମେ ସେହିପରି ଭଲ ଓ ମନ୍ଦ ମଧ୍ୟରୁ ଭଲଟିକୁ ବାଛିନେବା ।

ଦୁର୍ଗାପୂଜା କେତେକ ସ୍ଥାନରେ ଷୋଳଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନବ୍ୟାପୀ ପାଳିତ ହୁଏ । ସେ ସବୁକୁ ଗୋଟି ଗୋଟି କରି ଆଲୋଚନା କଲେ ଏହି ସ୍ୱୀକାରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା, ପ୍ରକୃତିର ପୂଜା । ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚଦିନ ଦେବୀ ପାଞ୍ଚ ଚେତନାରେ ଜଡ଼ିତ । ଯଥା ନନ୍ଦା, ଭଦ୍ରା, ଜୟା, ରିକ୍ତା ଓ ପୂର୍ଣ୍ଣା । ପ୍ରଥମରେ ଶୈଶବ ଅବସ୍ଥାରେ ଆମର ଆତ୍ମଚୈତନ୍ୟ ଜାଗ୍ରତ ହୁଏ । ଷଷ୍ଠୀ ତିଥି ନନ୍ଦା, ଦେବୀ ନନ୍ଦା ବା ଆନନ୍ଦମୟୀ ସେତେବେଳେ ବାଳିକା । ଭଦ୍ରା ତିଥିରେ ସେ ସୁମଙ୍ଗଳା, କୈଶୋରୀ, ଜୟା ତିଥିରେ ତାଙ୍କର ଶକ୍ତିରୂପର ପ୍ରକାଶ, ସେ ତରୁଣୀ । ରିକ୍ତାରେ ସେ ଯୋଗିନୀ ଓ ପୂର୍ଣ୍ଣାରେ ସେ ସମର୍ଥା ଯୁବତୀ । ଦେବୀ ଦୁର୍ଗାଙ୍କ ମଧ୍ୟରେ ଆମେମାନେ ଅସୁରଘାତିନୀ ମହାଶକ୍ତିଙ୍କୁ ପୂଜା କରୁ । ଏହି ସମୟରେ ମା'ଦୁର୍ଗା ମହିଷାସୁରକୁ ବଧ କରି ଦେବତା ତଥା ମନୁଷ୍ୟମାନଙ୍କୁ ତାର ଅତ୍ୟାଚାରରୁ ରକ୍ଷା କରିଥିଲେ । ତେଣୁ ଆମେ ମା'ଦୁର୍ଗାଙ୍କୁ ଅସୁରଶକ୍ତିର ବିନାଶ କରି ପୃଥିବୀକୁ ଶାନ୍ତି ତଥା ଆନନ୍ଦ ପ୍ରଦାନ କରିବା ପାଇଁ ଏହି ବିଜୟର ପର୍ବ ପାଳନ କରୁ । ଆଉ ମଧ୍ୟ ଶ୍ରୀରାମଚନ୍ଦ୍ର ମା'ଦୁର୍ଗାଙ୍କୁ ପୂଜା କରି ଏହି ସମୟରେ ଲଙ୍କାର ରାଜା ରାବଣକୁ ବିନାଶ କରି ମା'ସୀତାଙ୍କୁ ଉଦ୍ଧାର କରିଥିଲେ । ସେହିଦିନ ଠାରୁ ଏହି ନବରାତ୍ରି ପର୍ବ ଆସୁରୀ ଶକ୍ତି ଉପରେ ଦୈବୀଶକ୍ତିର ବିଜୟର ପ୍ରତୀକ ସ୍ୱରୂପ ପାଳନ କରାଯାଏ ।

ପ୍ରତିବର୍ଷ ଆମେ ମା'ଦୁର୍ଗାଙ୍କୁ ପୂଜା କରୁଛୁ ଓ ରାବଣ ପୋଡ଼ି କରୁଛୁ । କିନ୍ତୁ ଆମ ସମାଜରୁ ଓ ଆମ ଭିତରେ ଥିବା ଆସୁରୀ ଶକ୍ତି ଦୂର ହେଉନାହିଁ । ଅନ୍ତରରେ ଗୋଟିଏ ଜ୍ଞାନ ଦୀପ ଜଳିଲେ ମନ ଭିତରୁ ଅଜ୍ଞାନ ରୂପକ ଅନ୍ଧକାର ଦୂର ହେବ । ସହସ୍ର ଇଲେକ୍ଟ୍ରିକ୍ ବଲବ ବା ବତୀ ଏ ଅନ୍ଧାର ଦୂର କରିପାରିବେ ନାହିଁ । ଆମେ ମା'ର ଶକ୍ତିରେ ନିଜକୁ ଆଲୋକିତ କରିବା । ସେ ପଦପଦବୀ ଛୋଟବଡ଼ ଦେଖନ୍ତି ନାହିଁ । ବର୍ଷକରେ ଥରେ ଏ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ତାଙ୍କର ସମସ୍ତ ସନ୍ତାନମାନଙ୍କୁ ଆଶୀର୍ବାଦ କରିବା ପାଇଁ । କିନ୍ତୁ ପାତ୍ରତା ପ୍ରସ୍ତୁତ କରିବା ଆମର କାମ । ଶଙ୍କରାଚାର୍ଯ୍ୟ ଅଦ୍ୱୈତବାଦୀ ଥିଲେ । ସେ ଭାବିଲେ ମା'ଙ୍କୁ ଭକ୍ତି ନକଲେ ଶକ୍ତି ମିଳିବ ନାହିଁ । ତେଣୁ ସେ 'ଭବାନୀ ଅଷ୍ଟକମ୍'ରଚନା କଲେ । ମା' ମୁଁ କୁସଙ୍ଗୀ, ମୋର କୁଦୃଷ୍ଟି ରହିଛି । ମୁଁ କୁଳାଚାର, ମୁଁ କୁପୁତ୍ର, ମାତ୍ର ମା'ତ କେବେ କୁମାତା ନୁହେଁ । କୁପୁତ୍ର ଜାୟତେ କ୍ୱଚିଦପି କୁମାତା ନ ଭବତି । ତେଣୁ ଚାଲନ୍ତୁ ଆମେ ମା'ଦୁର୍ଗାଙ୍କୁ ପୂଜା କରିବା । ସେ ଆମକୁ ଶକ୍ତି ପ୍ରଦାନ କରନ୍ତୁ ଓ ଆମ ଭିତରେ ଥିବା ସମସ୍ତ ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ । 'ଓଁ କାତ୍ୟାୟନାୟ ବିଦ୍ମହେ କନ୍ୟାକୁମାରି ଧୀମହି, ତନ୍ନୋ ଦୁର୍ଗି ପ୍ରଚୋଦୟାତ୍' । ଆମେ ଆଦିଶକ୍ତି କାତ୍ୟାୟନୀଙ୍କର ଉପଲବ୍ଧି କରିବା । ଆମେ କନ୍ୟାକୁମାରୀଙ୍କର ଧ୍ୟାନ କରିବା, ଦୁର୍ଗା ଆମକୁ ଜ୍ଞାନାଲୋକ ପ୍ରଦାନ କରନ୍ତୁ ।

*ପ୍ଲଟ ନଂ-୧୦୮୨/ବି, ମର୍କତ ନଗର, ସିଡିଏ, ସେକ୍ଟର-୬,*
*କଟକ, ଦୂରଭାଷ : ୯୮୬୧୩୫୫୬୨୮*

# ନବରାତ୍ର : ପରିଚୟ ଆଉ ଗାରିମାର କଥା 'ପତାକା'

|| ଡକ୍ଟର ରାଜକିଶୋର ମିଶ୍ର ||

ବସନ୍ତ ଏବଂ ଶରତ ଋତୁରେ ଦେବୀ ଆରାଧନା କରାଯାଏ । ଚୈତ୍ର ଶୁକ୍ଳ ଏବଂ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୁଏ । ସର୍ବ ମୂଳରେ ଶକ୍ତି ହିଁ ମୁଖ୍ୟବସ୍ତୁ । ଯେପରି ମାଟି ବିନା କୁମ୍ଭାର ହାଣ୍ଡି ନିର୍ମାଣ କରିପାରେ ନାହିଁ ଏବଂ ସ୍ୱର୍ଣ୍ଣକାର ସୁନା ବିନା ଗହଣା ଗଢ଼ିବାରେ ଅସଫଳ ହୁଏ, ସେହିପରି ମୁଁ ମଧ୍ୟ ଶକ୍ତି ବିନା ସୃଷ୍ଟି ରଚନା କରିବାରେ ଅସମର୍ଥ ଅଟେ ।

କଟକ କେବଳ ଯେ ଏକ ସହର ତାହା ନୁହେଁ ପ୍ରାଚୀନ ଓଡ଼ିଆ ପରମ୍ପରାର ପ୍ରତୀକକୁ ବହନ କରୁଥିବା ଗୋଟେ ଉପଦ୍ୱୀପ ମଧ୍ୟ । ତିନି ପାର୍ଶ୍ୱରୁ ଜଳରାଶି ଘେରି ରହିଥିବା କଟକ ନଗରୀ ଦିନେ କଳିଙ୍ଗ ପ୍ରଦେଶର ରାଜଧାନୀ ଥିଲା । ଏଠାରେ ଚାଲୁଥିଲା ରାଜା ଘରର ପରମ୍ପରା । ଏବେ ଜନବସତି ଗଢ଼ି ଉଠିବା ପରେ ମଧ୍ୟ ପୁରୁଣା ପରମ୍ପରା ଭାଙ୍ଗିନି । ରାଜକୀୟ ଶୈଳୀ କଟକ ନଗରୀର ଅନେକ ପୂଜାପାର୍ବଣରେ ଯାଡ଼ି ହୋଇ ରହିଛି । କୁହାଯାଏ, କଟକ ଭସାଣି ଶୋଭାଯାତ୍ରାରେ ପତାକା ନେବା ପରମ୍ପରା ମଧ୍ୟ ସେଇ ରାଜା ଅମଳରୁ ଆରମ୍ଭ ହୋଇଛି ।

ଦେବୀଙ୍କ ଲେଉଟାଣି ଯାତ୍ରାରେ ସବୁଠୁ ଆଗରେ ରୁହେ ପତାକା । ବିନା ପତାକାରେ ଭସାଣି ଶୋଭାଯାତ୍ରା ଯେପରି ଅସମ୍ପୂର୍ଣ୍ଣ । ସହରର କେତେକ ମୁରବୀ ଶ୍ରେଣୀର ଲୋକେ କୁହନ୍ତି, ରାଜାଙ୍କ ଯାତ୍ରାରେ ପତାକା ସବୁଠୁ ଆଗରେ ରୁହେ । ବଳବଳ ଘେନି ରାଜା ଯେବେ ଯାତ୍ରା ଆରମ୍ଭ କରନ୍ତି ନିଜ ଶାସନର ସଙ୍କେତ ଥିବା ପତାକାକୁ ଆଗରେ ରଖନ୍ତି । ବିଜୟ ଲାଭ କରି ଫେରିବା ବେଳେ ବି ପତାକାକୁ ଆଗରେ ରଖାଯାଏ । ହଜାର ବର୍ଷର ଏହି ସହରରେ ପତାକା ପରମ୍ପରା ସେବେ ଠାରୁ ରହି ଆସିଛି । କଟକ ନଗରୀରେ ଅନେକ ରାଜା ରହୁଥିଲେ । ରାଜପରିବାର ସଂଖ୍ୟା ଏଠାରେ ବହୁ ଅଧିକ ଥିଲା । ଗଡ଼ଜାତ ରାଜ୍ୟ ବୋଲି ବିବେଚନା କରାଯାଉଥିବା ଅଞ୍ଚଳର ରାଜା ବି ଏଠାରେ ଭବନ ନିର୍ମାଣ କରିଥିଲେ । ଏଣୁ ସମସ୍ତେ ଲେଉଟିବା କିମ୍ବା ଯାତ୍ରା କରିବା ବେଳେ ପତାକା ନେଇ ଯାଆନ୍ତି ଆଉ ଫେରନ୍ତି ମଧ୍ୟ । ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା ମହିଷାସୁରକୁ ବଧ କରିଥିଲେ । ଏଣୁ ତାଙ୍କ ବିସର୍ଜନ ଯାତ୍ରା ଏକ ଗାରିମାର କଥା । ଏହି ପରିପ୍ରେକ୍ଷୀରେ ପତାକା ବ୍ୟବହାର ହେଉଛି ବୋଲି କଟକର କେତେକ ବରିଷ୍ଠ ଲୋକଙ୍କ ମତ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ଏହି ପ୍ରସଙ୍ଗରେ ଏଡାଇ ଦିଆଯାଇନପାରେ । ଭସାଣି ଦିନ ଲୋକେ ପତାକା ଚିହ୍ନି କେହି ଦେଇ ପାରନ୍ତି, ପଛକୁ କେଉଁ ମେଢ଼ ଆସୁଛି । ଯାହାକି ୭ ବଜାର ୫୩ ଗଳିର ଏହି ସହରରେ ଦଶହରାର ଏକ ବିଶେଷ ପରିଚୟ । ବୋଧହୁଏ କଟକ ବ୍ୟତୀତ ରାଜ୍ୟର କୌଣସି ସ୍ଥାନରେ ଏତେ ଗଳି ନାହିଁ କି ଏଭଳି ରୀତି ନାହିଁ । ପ୍ରତ୍ୟେକ ସାହିର ପତାକା ଚିହ୍ନ ଭିନ୍ନ ଭିନ୍ନ । ଯେତେ ସାହି ସେତେ ମଣ୍ଡପ ଯେତେ ପ୍ରତିମା ସେତେ ପତାକା । ବିଭିନ୍ନ ଦେବାଦେବୀ ପୀଠରେ ରହିଥିବା ପତାକା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ । ଏହି ପତାକା ପରମ୍ପରା ବହୁ ବର୍ଷ ଧରି ରହି ଆସିଛି । ବିଶେଷକରି ପାର୍ବଣରେ ବିଭିନ୍ନ ପୂଜା କମିଟିର ଭସାଣ ଶୋଭାଯାତ୍ରାରେ ଭିନ୍ନ ଭିନ୍ନ ପତାକା ବହନ କରିଥାଏ ସ୍ୱତନ୍ତ୍ର ପରିଚୟ । ଏହା କଟକ ସହରର ଭାଇଚାରର ଜ୍ୱଳନ୍ତ ନିଦର୍ଶନ । ବିଶ୍ୱର ଆରାଧ୍ୟ ଦେବତା ଜଗନ୍ନାଥଙ୍କର ଯେଉଁଳି ପତାକା ରହିଛି ଠିକ ସେହିଭଳି ମଙ୍ଗଳାବାଗର ଗ୍ରାମଦେବୀ ବାଘମଙ୍ଗଳା ଥିବାରୁ ପତାକାରେ ବାଘ ପ୍ରତୀକ ରହିବା ଆମର ଏକ ସ୍ୱତନ୍ତ୍ର ପରିଚୟ । ଭସାଣ ଶୋଭାଯାତ୍ରାରେ ପତାକାରେ ବାଘ ଚିହ୍ନ ଦେଖି ଏହା ମଙ୍ଗଳାବାଗର ଶୋଭାଯାତ୍ରା ବୋଲି ଲୋକେ ଦୂରରୁ ଜାଣି ପାରନ୍ତି ।

ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ । ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ । ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ । ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥର ମହିଷାସୁର ପାଲଟିବା ହିଁ ସାର ହେବ । ଯାହା ଆଜିର ଦୁନିଆରେ ଦେଖାଯାଉଛି । ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା । ମହିଷାସୁର - ନିର୍ଘାଣୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି ।

*ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ରମାର୍ଗ, କଟକ*

# ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି...

|| ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ||

ଆଦିଶକ୍ତି ଜଗଦମ୍ବାଙ୍କ ପରମକୃପା ଲାଭ କରିବା ନିମନ୍ତେ ଶାରଦୀୟ ନବରାତ୍ରୀର ଦୁର୍ଗାଷ୍ଟମୀ ଏବଂ ମହାନବମୀ ପୂଜା ବିଶେଷ ମହତ୍ତ୍ୱ ରଖିଥାଏ । ଏହି ଦୁଇଦିନ କରାଯାଉଥିବା ପୂଜା କଲ୍ୟାଣକାରୀ ଶୁଭ ଏବଂ ମନୋବାଞ୍ଛିତ ଫଳଦାନକାରୀ ହୋଇଥାଏ । ଏହି ଦୁଇ ଦିନ ଦୁର୍ଗା ପୂଜା ଦ୍ୱାରା ଭକ୍ତର ଜୀବନରୁ ସମସ୍ତ କ୍ଲେଶ ଦୂର ହୋଇଥାଏ । ମାତାଙ୍କ ଉପାସନା ଦ୍ୱାରା ଗୃହସ୍ଥ ମନୁଷ୍ୟର ଜୀବନରେ ଧନ, ଐଶ୍ୱର୍ଯ୍ୟ, ପତ୍ନୀ, ପୁତ୍ର-ପୌତ୍ର ଏବଂ ସ୍ୱାସ୍ଥ୍ୟ ଆଦି ସମ୍ପତ୍ତି ଆସିଥାଏ । କେବଳ ସେତିକି ନୁହେଁ ଅଷ୍ଟମୀ ଏବଂ ନବମୀ ପୂଜାର ପୁଣ୍ୟ ବଳରେ ମନୁଷ୍ୟର ଜୀବନରୁ ରୋଗ, ମହାମାରୀ, ବନ୍ୟା, ଦୁର୍ଭିକ୍ଷ, ଶତ୍ରୁ ଭୟ ଭଳି ବିପଦ ଦୂର ହୋଇଥାଏ । ସେଥିପାଇଁ ଏହି ଦୁଇ ଦିନ ମା'ଦୁର୍ଗାଙ୍କ ଶ୍ରଦ୍ଧାର ସହକାରେ ଆରାଧନା କରିବା ଉଚିତ । ଏହି ପୂଜା କେବେ ନିଷ୍ଫଳ ହୁଏନାହିଁ । ଏହି ପୂଜା ସାଧକଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାଏ । ନବରାତ୍ରୀ ଶବ୍ଦ, ନଅଟି ଅହୋରାତ୍ରର ବୋଧ କରାଇଥାଏ । ଏହି ସମୟରେ ଦେବୀ ଶକ୍ତିଙ୍କ ନଅଟି ସ୍ୱରୂପକୁ ଆରାଧନା କରାଯାଇଥାଏ । ରାତ୍ରୀ ଶବ୍ଦର ଅର୍ଥ ସିଦ୍ଧିକୁ ବୁଝାଇଥାଏ । ଉପାସନା ଏବଂ ସିଦ୍ଧି ନିମନ୍ତେ ଦିନ ଠାରୁ ରାତ୍ରୀ ସମୟର ଅଧିକ ମହତ୍ୱ ରହିଛି । ସେଥିପାଇଁ ଅଧିକାଂଶ ପର୍ବପର୍ବାଣୀ ରାତ୍ରୀରେ ହିଁ ପାଳନ କରାଯାଇଥାଏ । ଏହି ପର୍ବରେ ବିଶେଷ ସିଦ୍ଧି ହାସଲ ହେଉଥିବାରୁ ନବରାତ୍ରୀର ଅନେକ ମହତ୍ୱ ରହିଛି । ମାତା ଶକ୍ତିଙ୍କୁ ଏହି ପବିତ୍ର ପୂଣ୍ୟମୟ ଅବସରରେ ଧ୍ୟାନ କରିବା ଉଚିତ । ନବରାତ୍ର ଆମ ଶରୀର ଏକ ରୂପକ । ଆମ ଶରୀରରେ ନଅଟି ଦ୍ୱାର ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏହା ଭିତରେ ରହିଥିବା ଜୀବନୀ ଶକ୍ତିର ନାମ ଦୁର୍ଗା । ମନୁଷ୍ୟ ଶରୀରରେ ଥିବା ମୁଖ୍ୟ ଇନ୍ଦ୍ରିୟଗୁଡ଼ିକୁ ଅନୁଶାସନ, ସ୍ୱଚ୍ଛତା ଏବଂ ପାରସ୍ପରିକ ସାମଞ୍ଜସ୍ୟ ଆଣିବା ନିମନ୍ତେ ନବରାତ୍ର ପର୍ବ ଉତ୍ତମ ଅବସର ଆଣିଥାଏ । ଏହି ନଅ ଦିନ ମନୁଷ୍ୟର ମନ ଏବଂ ଆତ୍ମା ଶୁଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୂହୂର୍ତ୍ତ । କାରଣ ଏହି ସମୟରେ ଦେବୀ ଦୁର୍ଗା ଭକ୍ତ ଉପରେ ନିଜର ଶୁଭ ଦୃଷ୍ଟି ରଖିଥାଆନ୍ତି ।

ପିଲାଟିଏ ମା' ପାଖରେ ଅଳି କରେ । ବାପା ଅପେକ୍ଷା ମା' ପାଖରେ ସହଜରେ ସେ ନିଜର ସବୁ ସୁବିଧା ଅସୁବିଧା ଜଣାଇ ପାରେ । ଏଇଟା ଦରକାର, ସେଇଟା ମୋର ଦରକାର ବୋଲି ମନଖୋଲି କହିପାରେ । ମା'ମନରେ କୌଣସି ଆବିଳତା ନରଖି ତାକୁ ଆଦର କରେ, ପରାମର୍ଶ ଦିଏ । ନିଜ ସାଧ୍ୟମତେ ସନ୍ତାନକୁ ସବୁ ସୁଖସୁବିଧା ଯୋଗାଇ ଦେବାକୁ ଉଦ୍ୟମ କରେ । ପୁଣି ଆବଶ୍ୟକ ପଡ଼ିଲେ ନିଜ ପଣତକାନିରେ ତାକୁ ଘୋଡେଇ ପକାଇ ଶତ୍ରୁପକ୍ଷ ସାମ୍ନାରେ ନିଜକୁ ରଖେ । ରଣ ହୁଙ୍କାର ଦିଏ ମୋତେ ସାମ୍ନା କର, ମୋ ପିଲାକୁ ନୁହେଁ । ଏପରିକି ମା'ପିଲା ପାଇଁ ମାନ ଅପମାନକୁ ବି ସହିପାରେ ତାର ଅମାପ ଧୈର୍ଯ୍ୟ ଶକ୍ତି ବଳରେ । କିନ୍ତୁ କେହି ଯଦି ତା'ର କିମ୍ବା ଅନ୍ୟର ନାରୀତ୍ୱ ପ୍ରତି ଲୋଲୁପ ଦୃଷ୍ଟି ପକାଏ ସେ ସନ୍ତାନ ହେଲେ ବି କ୍ଷମା ଦେଇପାରେ ନାହିଁ । ଦରକାର ପଡ଼ିଲେ ସେ ହୁଏ ରଣଚଣ୍ଡୀ । ତାକୁ ନିପାତ କରିବାକୁ ବି ପଛାଇ ଯାଏନାହିଁ । ଏହା ହିଁ ତ ମହିଷାସୁର ବଧ ପଛର ମୂଳକଥା । ମହିଷାସୁରର ଅତ୍ୟାଚାରରେ ଜଗତ ତ୍ରାହି ତ୍ରାହି ଡାକୁଥିଲା । ଦେବତା ବି ଏଥିରୁ ବର୍ତ୍ତି ପାରିଲେ ନାହିଁ । ସେମାନଙ୍କୁ ଦାସାନୁଦାସ କରି ଆସ୍ପର୍ଦ୍ଧା ଦେଖାଇ ଚାଲିଥିଲା । ଏହି ଆସ୍ପର୍ଦ୍ଧା ତାର ସୀମା ଅତିକ୍ରମ କଲା । କ୍ଷମତା ତଥା ପରାକ୍ରମ ବଳରେ ସେ ନାରୀ ଭୋଗ ଆଡ଼କୁ ମୁହାଁଇଲା । ଯେଉଁ ଆସ୍ପର୍ଦ୍ଧାକୁ ସହ୍ୟ କରିନଥିଲେ ମା'ଦୁର୍ଗା । ନିଜେ ଓହ୍ଲାଇ ଆସିଲେ ଏହି କଳୁଷରୁ ଜଗତକୁ ଉଦ୍ଧାର କରିବା ପାଇଁ । ନିଜେ ଧାରଣ କଲେ ମୋହିନୀ ରୂପ । ଚଣ୍ଡୀଚାମୁଣ୍ଡାଙ୍କୁ ସଖୀ କରି ବିଚରଣ କଲେ ମହେନ୍ଦ୍ର ପର୍ବତରେ । ମହାମାୟାଙ୍କ ମହାମାୟାରେ ଯେତେବେଳେ ସଚରାଚର ବଶୀଭୂତ, ସେତେବେଳେ ଛାର ମାତ୍ର ମହିଷାସୁର । ଦର୍ପୀ ମହିଷାସୁର ଖବର ପାଇଲା ଯେ କେହି ଜଣେ ଅତିବ ସୁନ୍ଦରୀ ନାରୀ ଆତଯାତ ହେଉଛନ୍ତି । ତାଙ୍କୁ ସାଦରେ ନିମନ୍ତ୍ରଣ କରି ଆଣିବା ପାଇଁ ନିଜର ସହଚରମାନଙ୍କୁ ପଠାଇଲା । ସହଚର ଚଣ୍ଡମୁଣ୍ଡ, ଶୁମ୍ଭନିଶୁମ୍ଭଙ୍କୁ ଦେବୀ ସାମାନ୍ୟତମ କୌଶଳ ପ୍ରୟୋଗ କରି ନିପାତ କଲେ । ସେହି ନାରୀ ଯେ ସାମାନ୍ୟ ନୁହେଁ, ଜାଣିପାରି ମଧ୍ୟ ମାୟାଗ୍ରସ୍ତ ମହିଷାସୁର ନିଜକୁ ଅଟକାଇ ପାରିଲାନି । ନିଜେ ଗଲା ଦେବୀଙ୍କ ନିକଟକୁ । ସର୍ବଶକ୍ତିର ସମାହାର ଦେବୀ ଦୁର୍ଗା ନିଜର ମୋହିନୀ ଶକ୍ତି ପ୍ରୟୋଗ କରି ଆହୁରି ମୋହଗ୍ରସ୍ତ କରି ମହିଷାସୁରକୁ ପ୍ରଥମେ ଶକ୍ତିହୀନ କରିଦେଲେ । ଦୁର୍ବଳ ମହିଷାସୁର ଛାତିରେ ମା'ତ୍ରିଶୂଳ ଭେଦ କଲେ । ତାର ବଧ ସହିତ ଜଗତବାସୀ ଆଶ୍ୱସ୍ତ ହେଲେ । ଏହା ଆମକୁ ଚେତାଇ ଦିଏ ଯେ, ଅତିଶୟ କାମନା ଅତି ବଳବାନକୁ ବି ଶକ୍ତିହୀନ ବିବଶ କରିପକାଇବାକୁ ଯଥେଷ୍ଟ । ଆଜିର ଭୋଗବାଦୀ ଦୁନିଆରେ ଅତିଶୟ କାମନାବାସନାର ରାଜତ୍ୱ । ଏହାର କବଳରେ ପଡ଼ି ନିଜର ହିତାହିତ ଜ୍ଞାନକୁ ଭୁଲି ଯାଉଛନ୍ତି ଅନେକେ । ଯେଉଁଥି ପାଇଁ ପାଶବିକ କାର୍ଯ୍ୟକଳାପ ବଢ଼ିଚାଲିଛି, ନାରୀ ନିର୍ଯାତିତ ହେଉଛି । ମାତୃଜାତିକୁ ଏଥିରୁ ରକ୍ଷା କରିବା ପାଇଁ ଆସନ୍ତୁ ଆମେ ମହାମାୟା ଦେବୀ ଦୁର୍ଗାଙ୍କୁ ସମର୍ପଣର ଭାବ ନେଇ ଆମନ୍ତ୍ରଣ କରିବା ଏହି ଶାରଦୀୟ ପାର୍ବଣ ଅବସରରେ । ମା'ଙ୍କୁ ଆମେ ସନ୍ତାନଗଣ ପ୍ରାର୍ଥନା କରିବା ସବୁ ସୁଖସୁବିଧା ଦିଅନ୍ତୁ । ମାତ୍ର ଏସବୁ ଠିକ ଭାବେ ଉପଭୋଗ କରିବା ଲାଗି ବିବେକ ବି ଦିଅନ୍ତୁ । ଅନ୍ତରରେ କାମନାବାସନା ଧ୍ୱଂସ ସହ ବିବେକ ଉଦ୍ରେକ ନହେଲେ, ସବୁଥର ମହିଷାସୁର ପାଲଟିବା ହିଁ ସାର ହେବ । ଯାହା ଆଜିର ଦୁନିଆରେ ଦେଖାଯାଉଛି । ଏଣୁ ମାତୃଚରଣରେ ବନ୍ଦନା କରି ଗାଇବା । ମହିଷାସୁର - ନିର୍ଘାଣୀ ଭକ୍ତାନାମ୍ ସୁଖଦେ ନମଃ, ରୂପଂ ଦେହି ଜୟମ୍ ଦେହି ଯଶୋ ଦେହି । ଦ୍ୱିଷୋ ଜହି ।

*କନସଲଂଟାଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୨୩୪୪୩*

# ପ୍ରତିଯୋଗିତା

|| ଡକ୍ଟର ସୁରେଶ କୁମାର ନାୟକ ||

ଭଲ କ୍ୟାରିୟର ନିମନ୍ତେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର ପ୍ରତିଯୋଗିତାରେ ଭାଗ ନେବାକୁ ହୋଇଥାଏ । ଏଭଳି ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହେଲେ ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବା ସହିତ ଭିନ୍ନ ଭିନ୍ନ କ୍ଷେତ୍ରରେ ସଫଳତା ନିମନ୍ତେ ଏକ ମାର୍ଗ ମିଳିଥାଏ । ଭବିଷ୍ୟତରେ ବିଭିନ୍ନ କମ୍ପିଟେଟିଭ ପରୀକ୍ଷା ନିମନ୍ତେ ଭୟ ରହି ନ ଥାଏ । ଏଥିପାଇଁ ସ୍କୁଲ ସ୍ତରରେ ବିଭିନ୍ନ ପରୀକ୍ଷା ଆୟୋଜନ କରାଯାଇଥାଏ । ଛାତ୍ରଛାତ୍ରୀଙ୍କ ପାଇଁ ଏସବୁ ଯଦିଓ ବାଧ୍ୟତାମୂଳକ କରାଯାଇ ନଥାଏ, କିନ୍ତୁ ଏହାର ଗୁରୁତ୍ୱ ଢ଼େର ଅଧିକ ରହିଥାଏ । ତେଣୁ ଏଥିରେ ଭାଗ ନେବା ପାଇଁ ନିଜକୁ କିଭଳି ମୋଟିଭେଟ କରିବାକୁ ହେବ ସେ ନେଇ ପ୍ରସ୍ତୁତି କରିବା ଦରକାର ।

ପିଲାଙ୍କୁ ସର୍ବପ୍ରଥମେ ନିଜ ପଢ଼ା ବହିକୁ ଭଲ ଭାବେ ଜାଣିବାକୁ ହେବ । କାରଣ ପ୍ରତ୍ୟେକ ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇଥାଏ । ଏହାପରେ ପ୍ରତିଯୋଗିତାର ବିଷୟ ସବୁକୁ ଜାଣନ୍ତୁ । କେଉଁ ବିଷୟରୁ କିଭଳି ପ୍ରଶ୍ନ ଆସିପାରେ ସେ ନେଇ ଜାଣିଲେ ହିଁ ସେହି ଅନୁସାରେ ପ୍ରସ୍ତୁତି କରିପାରିବେ । ସଂକ୍ଷିପ୍ତରେ ଉତ୍ତର ଲେଖିବେ କିମ୍ବା ବ୍ୟାଖ୍ୟା କରିବାକୁ ହେବ । ଏସବୁ ନେଇ ଆଗୁଆ ଜାଣିବାକୁ ଚେଷ୍ଟା କରନ୍ତୁ । ପରୀକ୍ଷାରେ ନେଗେଟିଭ ମାର୍କିଂ ଅଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଜାଣିବା ଦରକାର ।

ସବୁ କାମ ପାଇଁ ମୋଟିଭେଶନ ତ ନିହାତି ଦରକାର । ଏହି ଆଧାରରେ କୌଣସି ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରଥମେ ନିଜକୁ ମୋଟିଭେଟ କରିବାକୁ ହେବ । ଏଥିପାଇଁ ନିଜ ଭିତରୁ ଏକ ପ୍ରେରଣା ସୃଷ୍ଟି ହେବା ଦରକାର । ନଚେତ୍ ପରୀକ୍ଷା ପ୍ରସ୍ତୁତିରେ ସଫଳତା ମିଳିବା ସହଜ ହେବନାହିଁ । ଅବଶ୍ୟ ମୋଟିଭେଶନ ସୃଷ୍ଟି ହେବାର ଅନେକ କାରଣ ହୋଇପାରେ । ତେଣୁ ସେଭଳି ପରିବେଶ ସୃଷ୍ଟି କରନ୍ତୁ । ଏସବୁ ପରୀକ୍ଷା ଦେବା ଫଳରେ ଭବିଷ୍ୟତରେ କିଭଳି ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ ଓ ଅନ୍ୟ ସବୁ ପ୍ରକାରର ପରୀକ୍ଷା ଦେବାକୁ ଭୟ ରହିବ ନାହିଁ । ଏ ନେଇ ଅନ୍ୟ ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଖନ୍ତୁ ।

ବେଳେ ବେଳେ ପିଲାମାନେ ବଡ଼ ପାଟିରେ କୌଣସି ବିଷୟକୁ ବାରମ୍ବାର ପଢ଼ିବା ପରେ ପ୍ରସ୍ତୁତି ହେଉଗଲା ବୋଲି ଭାବନ୍ତି । କିନ୍ତୁ ଏଭଳି ବଡ଼ ପାଟିରେ ପଢ଼ିବା ସହ ପାଠକୁ ବୁଝିବା ଦରକାର । ପାଠକୁ ବୁଝିଥିଲେ ପରୀକ୍ଷାରେ ଯେକୌଣସି ପ୍ରକାରର ପ୍ରଶ୍ନ ଆସିଲେ ବି ଉତ୍ତର ଦେବାକୁ ସକ୍ଷମ ହୋଇପାରିବେ । ତେଣୁ ପଢ଼ିବା ସମୟରେ ବୁଝିବା ଦରକାର ଆଉ ଯେଉଁ ସ୍ଥାନରେ ବୁଝିପାରିବେ ନାହିଁ ସେତେବେଳେ ସଙ୍ଗେ ସଙ୍ଗେ ପଚାରି ବୁଝିନେବା ଦରକାର । ପାଠକୁ ଭଲ ଭାବେ ବୁଝିପାରିଲେ ହିଁ ସବୁ ପ୍ରକାରର ପ୍ରଶ୍ନ ସହଜ ଲାଗିବ ।

କଣ ପଢ଼ିବେ ଓ କେମିତି ପଢ଼ିବେ ଜାଣିବା ପରେ ଏକ ନିର୍ଦ୍ଦିଷ୍ଟ ପ୍ଲାନ କରନ୍ତୁ । ସ୍କୁଲ ଟିଉସନ ସବୁ ପରେ କିଭଳି କେଉଁ ସମୟରେ ପଢ଼ିବେ ସେ ନେଇ ସମୟ ସ୍ଥିର କରନ୍ତୁ । ପ୍ରତିଦିନ କେତିକି ପଢ଼ି ପାରିବେ ସେ ନେଇ ଏକ ଟାର୍ଗେଟ ରଖନ୍ତୁ । ସିଲାବସ୍‌କୁ ଛୋଟ ଛୋଟ ଭାଗରେ ବାଂଟି କିଭଳି ସହଜରେ ପଢ଼ିପାରିବେ ତାହା ଶିଖନ୍ତୁ । ଏହା ସହିତ ପଢ଼ିବା ପାଇଁ ଏକ ପରିବେଶ ମଧ୍ୟ ଦରକାର । ତେଣୁ ନିଜର ସୁବିଧା ଅନୁସାରେ ଏକ ଶାନ୍ତ ପରିବେଶରେ ପଢ଼ନ୍ତୁ । ପାଠ ପଢ଼ିବା ସ୍ଥାନରେ କୌଣସି ଡିସଟ୍ରାକଶନ କରାଉଛି ଜିନିଷ ରଖନ୍ତୁ ନାହିଁ । ଅର୍ଥାତ୍ ଟିଭି କିମ୍ବା ଫୋନ ପାଖରେ ରଖି ପଢ଼ନ୍ତୁ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଁ ଅଭ୍ୟାସ ନିହାତି ଦରକାର । ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଠିକ ଢ଼ଙ୍ଗରେ ଅଭ୍ୟାସ ଜାରି ରଖିବାକୁ ହେବ । ଏ କ୍ଷେତ୍ରରେ ବିଭିନ୍ନ ଦିଗରୁ ଅଭ୍ୟାସ କରିବାକୁ ହେବ । ସବୁ ବିଷୟରେ ପାଠ ବୁଝି ସାରିବା ପରେ ବି ନିଜକୁ ନିଜେ ପ୍ରଶ୍ନ କରନ୍ତୁ । କେତେ ସମୟ ମଧ୍ୟରେ କେତେ ଉତ୍ତର ଦେଇ ପାରୁଛନ୍ତି ତାହା ପରୀକ୍ଷା କରନ୍ତୁ । ତୁରନ୍ତ ଉତ୍ତର ଦେଇ ପାରୁଛନ୍ତି ଅବା ବିଳମ୍ବରେ ତାହା ପରୀକ୍ଷା କରନ୍ତୁ । କଣ ହେଉଛି ତାର ତର୍ଜମା କରନ୍ତୁ । ଏହିଭଳି ବାରମ୍ବାର ଅଭ୍ୟାସ କଲେ ନିଜର ଭୁଲକୁ ସୁଧାରି ହେବ ଓ ଆତ୍ମ ବିଶ୍ୱାସ ବୃଦ୍ଧି ପାଇବ ।

ଉତ୍ତମ ସ୍ୱାସ୍ଥ୍ୟ ବିନା ପାଠ ପଢ଼ିବାର କୌଣସି ଲାଭ ନଥାଏ । ତେଣୁ ପାଠ ପଢ଼ା ଅଭ୍ୟାସ ସହିତ ସ୍ୱାସ୍ଥ୍ୟ ସଚେତନ ରହିବା ଦରକାର । ଏଥିପାଇଁ ହେଲଦି ଡାଏଟ ନିଅନ୍ତୁ । ଆଉଟଡୋର ଗେମ କିମ୍ବା ଏକ୍ସରସାଇଜ କରନ୍ତୁ । ଶାରୀରିକ ସ୍ୱାସ୍ଥ୍ୟ ସହିତ ମାନସିକ ସ୍ୱାସ୍ଥ୍ୟ ଯେପରି ଭଲ ରହିବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଅର୍ଥାତ୍ ମନରେ କୌଣସି ବୋଝ ରଖନ୍ତୁ ନାହିଁ । ନିଜକୁ ରିଲାକ୍ସ କରିବା ପାଇଁ କିଛି ସମୟ ପାଇଁ ମ୍ୟୁଜିକ ଶୁଣିବା, ମେଡିଟେଶନ କରିବା କିମ୍ବା ପାଠ ମଝିରୁ ବ୍ରେକ ନେଇ ବାହାରକୁ ବୁଲିବାକୁ ଯିବା ଏସବୁ କାମ କରନ୍ତୁ । ନିଜର ସୁବିଧା ଅନୁସାରେ ଏ ସବୁ ପ୍ରତି ସଚେତନ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ ।

*ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,*
*ଦୂରଭାଷ : ୯୪୩୭୨୨୫୫୯୨*

